ପ୍ରେସ୍ ନୋଟ

## ଏଡସ୍ ଦିବସ ପାଳନ ଉପଲକ୍ଷେ ପ୍ରସ୍ତୁତି ବୈଠକ

ଅନୁଗୋଳ ତା. ୧୦.୧୧ : ଆଜି ଅପରାହ୍ନରେ ଜିଲ୍ଲା ଏଡସ୍ ପ୍ରତିରୋଧ ଓ ନିୟନ୍ତ୍ରଣ କମିଟି ବୈଠକ ଜିଲ୍ଲାପାଳଙ୍କ କୋର୍ଟ ରୁମ୍ଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ.ଶିବାନନ୍ଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଆନ୍ତର୍ଜାତୀୟ ଏଡସ୍ ଦିବସ ପାଳନ ଉପଲକ୍ଷେ ଆସନ୍ତା ଡିସେମ୍ବର ମାସ ୧ ତାରିଖରୁ ୧୦ ତାରିଖ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନକୁ ନେଇ ଆଲୋଚନା କରାଯାଇଥିଲା । ବିଶ୍ୱ ଏଡସ୍ ଦିବସ ପାଳନକୁ ସଫଳ କରିବା ନିମନ୍ତେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ, ନାଲ୍କୋ ଏବଂ ଜେ.ଏସ୍.ପି.ଏଲ୍କୁ ସହଯୋଗ କରିବା ପାଇଁ କହିଥିଲେ । ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ଏମ୍.ସି.ଏଲ୍ ଓ ନାଲ୍କୋ ଦ୍ୱାରା ଅନୁଗୋଳ ଜିଲ୍ଲାର ହାଟ ମାନଙ୍କରେ ଏଡସ୍ ଚେତନତା ଶିବିର ଆୟୋଜନ ଏବଂ ଏଡସ୍ରେ ଆକ୍ରାନ୍ତ ଗର୍ଭବତୀ ମହିଳା ମାନଙ୍କର ସୁରକ୍ଷିତ ପ୍ରସବ ଏବଂ ପରବର୍ତ୍ତି ଚିକିତ୍ସା ପ୍ରଦାନ ଆଦି ସମ୍ପର୍କରେ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଏଡସ୍ ନିୟନ୍ତ୍ରଣ ଅଧିକାରୀ ଡ. ବିଶ୍ୱ ବିହାରି ମହାନ୍ତି , ଡି.ପି. ଏମ୍ (ଏନ୍ ଏଚ୍ ଏମ୍) ଦିପକ କୁମାର ମହାନ୍ତି ଏବଂ ନାଲ୍କୋ ଓ ଜେ.ଏସ୍.ପି.ଏଲ୍ ର କର୍ମକର୍ତ୍ତା ମାନେ ଯୋଗ ଦେଇଥିଲେ ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ,ଅନୁଗୋଳ ।

ଜ୍ଞାପକ ସଂଖ୍ୟା . ୨୨୮ ତା. ୧୦.୧୧.୨୦୨୩ ।

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଡି କେ ଶ୍ରବଣ କୁମାର ୧୦.୧୧.୨୦୨୩
ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ,
ଅନୁଗୋଳ


ANGUL